# ପ୍ରେସ ବିଜ୍ଞପ୍ତି

## ଆଇଆଇଟି ଭୁବନେଶ୍ୱରରେ ୫୫ତମ ପରିଷଦ ବୈଠକ ଅନୁଷ୍ଠିତ

୧୮ ଏପ୍ରିଲ ୨୦୨୩, ଭୁବନେଶ୍ୱର: ମାନ୍ୟବର ଧର୍ମେନ୍ଦ୍ର ପ୍ରଧାନ ଜି , ଶିକ୍ଷା ମନ୍ତ୍ରୀ ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଅଧ୍ୟକ୍ଷତାରେ ଭାରତୀୟ ବୈଷୟିକ ପ୍ରତିଷ୍ଠାନ ପରିଷଦର ୫୫ତମ ବୈଠକ (ଆଇଆଇଟିଏସ) ଅନୁଷ୍ଠିତ ହୋଇୟାଇଛି। ଭାରତୀୟ ବୈଷୟିକ ପ୍ରତିଷ୍ଠାନ ପରିଷଦର ସମସ୍ତ ୨୩ ଆଇଆଇଟିରୁ ବୋର୍ଡ ଅଫ ଗଭର୍ଣ୍ଣର (ବିଓଜି), ନିର୍ଦ୍ଦେଶକ ଏବଂ ଅଧ୍ୟକ୍ଷ ସାମିଲ ହୋଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଚିବ, ଅତିରିକ୍ତ ସଚିବ, ଯୁଗ୍ମ ସଚିବ, ଉଚ୍ଚଶିକ୍ଷା, ଅଧ୍ୟକ୍ଷ, ଇଉଜିସି ଅଧ୍ୟକ୍ଷ, ଏଆଇସିଟିଇ ସାଂସଦ ଏବଂ ମାନ୍ୟବର ସାଂସଦମାନେ ଶ୍ରୀ ବିପ୍ଳବ କୁମାର ଦେବ ଏବଂ ଶ୍ରୀ କୁନାର ହେମ୍ବ୍ରମ; ନିର୍ଦ୍ଦେଶକ ଆଇଆଇଏସସି ଏବଂ ଶିକ୍ଷା ମନ୍ତ୍ରଣାଳୟ ଏବଂ ଆଇଆଇଟି ପରିଷଦର ସଦସ୍ୟ ଉପସ୍ଥିତ ଥିଲେ ।

ଏନଇପି ର ପ୍ରଭାବୀ କାର୍ୟ୍ୟାନ୍ୱୟନ ଏବଂ ସମାଜ ଉପରେ ପ୍ରଭାବ ପକାଉଥିବା ଗବେଷଣା ଓ ନବସୃଜନରେ ଉନ୍ନତି ଆଣିବା ସମେତ ବିଭିନ୍ନ ଏଜେଣ୍ଡା ଉପରେ ପରିଷଦ ଆଲୋଚନା କରିଥିଲେ । ଷ୍ଟାର୍ଟ-ଅପର ବିକାଶ ପାଇଁ ଅଧିକ ଗୁରୁତ୍ୱ ଦିଆଯାଇଥିଲା ।

ଗଣମାଧମକୁ ସମ୍ବୋଧିତ କରି ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ ଆଇଆଇଟି ଗୁଡିକ ନିଯୁକ୍ତି ଆଶାୟୀ ନୁହେଁ ବରଂ ନିଯୁକ୍ତି ସୃଷ୍ଟିକାରୀ ଅଟନ୍ତି।

----- xxxx ----